101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Baleswar, Tuesday 22 June 2021
- ବାଲେଶ୍ୱର, ମଙ୍ଗଳବାର ୨୨ ଜୁନ୍ ୨୦୨୧
- ଆଜି ମିଥୁନ ୮ ଦିନ, ୧୪୨୮ ସାଲ
- ଆଷାଢ଼ ୧ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ଦ୍ୱାଦଶୀ
- ଭାଗ- ୯୨ ସଂଖ୍ୟା- ୧୬୯
- www.thesamaja.com
  www.samajaepaper.com
  www.samajalive.in

ଟ ୬.୦୦ (୧୨ ପୃଷ୍ଠା)

# ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ

PRINTED AT CUTTACK, SAMBALPUR, BALESWAR, VISAKHAPATNAM

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।
*(ଶ୍ରୀମଦ୍ ଭଗବଦ୍ ଗୀତା)*



ସାଧୁ ପୁରୁଷମାନଙ୍କୁ ଉଦ୍ଧାର ଓ ପାପୀମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ ନିମନ୍ତେ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ ।

## ୪ ବର୍ଷ ପରେ ହଜିଲା ପୁଅକୁ ଫେରିପାଇଲେ ମା’

ବଡ଼ବିଲ,୨୧।୬(ନି.ପ୍ର): ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ଗାଢ଼ା ହଟିଂରେ ବାସ କରନ୍ତି ସୋନି ତାମୁଡ଼ିଆ । ସେ ଦିନ ମଜୁରିଆ ଭାବେ କାମ କରି ପେଟ ପୋଷନ୍ତି । ସ୍ୱାମୀ ଡାଡୁ ତାମୁଡ଼ିଆ ପ୍ରାଣ ହରାଇଥିବା ବେଳେ ପୁଅ ରାଜା ତାମୁଡ଼ିଆର ସାମାନ୍ୟ ମାନସିକ ବିକୃତି ଥିବା କାରଣରୁ ସେ ଅନେକ ସମୟରେ ଏକୁଟିଆ କେଉଁଆଡ଼େ ପଳାଇଯାଏ । ତେବେ ତାକୁ ମାତ୍ର ୮ ବର୍ଷ ବୟସ ହୋଇ ଥିବାବେଳେ ସେ ଦିନେ ଘରୁ କେଉଁଆଡ଼େ ନିଖୋଜ ହୋଇ ଯାଇଥିଲା । ବହୁ ଖୋଜା ଖୋଜି କରିବାପରେ ମଧ୍ୟ ତାର କୌଣସି ପତ୍ତା ମିଳି ନଥିଲା । ରାଜା ଘରୁ ପଳାଇଯିବାପରେ ତାର ବାପାଙ୍କ ମୃତ୍ୟୁ ହୋଇଥିଲା । ଘରେ ଆଉ ୪ଜଣ ପିଲାଙ୍କୁ ନେଇ ସୋନି ତାମୁଡ଼ିଆ ବହୁ କଷ୍ଟରେ ଘର ଚଳାଉଛି । ଫରେ ମୁମ୍ବାଇସ୍ଥିତ ଶ୍ରଦ୍ଧା ଫାଉଣ୍ଡେସନର ଜଣେ ସଦସ୍ୟ କେନ୍ଦୁଝର ସଦର ଅଞ୍ଚଳର ଜଣେ ସମାଜସେବୀ ସଞ୍ଜୀବକୁମାର ସାହୁଙ୍କୁ ଦୂରଭାଷ ମାଧ୍ୟମରେ ଜଣାଇଥଲେ ଏବଂ ତାଙ୍କ ନିକଟକୁ ନିଖୋଜ ରାଜାର ଏକ ଚଳଚ୍ଚିତ୍ର (ଭିଡିଓ) ପଠାଇଥିଲେ । ସଞ୍ଜୀବ କୁମାର ସାହୁ ଏହି ଚଳଚ୍ଚିତ୍ରକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡ଼ିବାପରେ ବଡ଼ବିଲ ସହରର କିଛି ଯୁବକ ତାର ମାଆକୁ ଏହି ଚିତ୍ର ଦେଖାଇବାରୁ ସେ ତାଙ୍କର ହଜିଲା ପୁଅକୁ ଚିହ୍ନି ପାରିଥିଲେ । ଶ୍ରଦ୍ଧା ଫାଉଣ୍ଡେସନର ସୂଚନା ମୁତାବକ, ଏହି ପିଲାଟି ଘରୁ ନିଖୋଜ ହୋଇଯିବାପରେ କୌଣସି ପ୍ରକାରେ ଗୁଜୁରାଟର ଭୁଜଠାରେ ରାସ୍ତା କଡ଼ରେ ପ୍ରାୟ ୨ ବର୍ଷ କଟାଇଥିଲା ଏବଂ ତାକୁ ସେଠାରେ ସରକାରୀ ମାନସିକ ରୋଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାକାର ଏକ ସାମାଜିକ ସଂସ୍ଥା ଜରିଆରେ ତାକୁ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନକୁ ପଠାଯାଇଥିଲା । ଉକ୍ତ ସଂସ୍ଥା ତରଫରୁ ରାଜାର ମାନସିକ ରୋଗର ଚିକିତ୍ସା କରାଯିବାପରେ ସେ ତାର ପରିଚୟ ଜଣାଇବାକୁ ସକ୍ଷମ ହୋଇଥିଲା । ପରେ ତାକୁ ଫାଉଣ୍ଡେସନ ତରଫରୁ ରେଳ ଯୋଗେ ଭୁବନେଶ୍ୱର ଅଣାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।




## ନେପାଳର ନାବାଳକ ଯାଜପୁରରୁ ଉଦ୍ଧାର

ଯାଜପୁରସଦର,୨୧।୬(ନି.ପ୍ର): ଯାଜପୁର ପୌରାଞ୍ଚଳରୁ ଆଜି ଏକ ନେପାଳ ଦେଶର ନାବାଳକକୁ ଉଦ୍ଧାର କରିଛି ଯାଜପୁର ଶିଶୁ ସୁରକ୍ଷା ୟୁନିଟ । ସେ ଜାତୀୟ ରାଜପଥ ଉପରେ ପିଲାଟି ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ ଯାଜପୁରର ଜଣେ ବ୍ୟବସାୟୀ ଉଦ୍ଧାର କରି ଖାଇବା ପିଇବା ଦେବା ସହ ପ୍ରଶାସନକୁ ଅବଗତ କରାଇଥିଲେ । ପିଲାଟି ଏବେ ପ୍ରଶାସନ ପାଖରେ ରହିଛି । ସୂଚନା ଅନୁସାରେ ଆନ୍ଧ୍ର ଶ୍ରୀକାକୁଲମ୍ ଅଞ୍ଚଳରଟି ମହମ୍ମଦ ନାମକ ଜଣେ ବ୍ୟକ୍ତି ଯାଜପୁର ସହରର ଗରିଆପୁର ଅଞ୍ଚଳରେ ଦୀର୍ଘ ଦିନ ହେବ ରହି କଣ୍ଟା ବେପାର କରି ଆସୁଛନ୍ତି । ତେବେ ସେ ଆଜି ପିଲାଟିକୁ ଜାତୀୟ ରାଜପଥ କଡରେ ଅସୁରକ୍ଷିତ ଭାବେ ବସିଥିବା ଦେଖି ଉଦ୍ଧାର କରିଥିଲେ । ଏନେଇ ଜିଲା ଶିଶୁ ସୁରକ୍ଷା ୟନିଟକୁ ଖବର ଦେବା ପରେ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ନିରଞ୍ଜନ କର ପହଞ୍ଚି ପିଲାଟିକୁ ଉଦ୍ଧାର କରିଥିଲେ । ପିଲାଟିର ବାପା ଗୁଜୁରାଟରେ କାମ କରୁଥିବା କହୁଥିବାବେଳେ ମାଆ ନେପାଳରେ ରହୁଛନ୍ତି । ତେବେ ସେ କିପରି ଯାଜପୁର ଆସିଲେ ସେ ନେଇ କିଛି କହିପାରୁନଥିବା ବେଳେ ପିଲାଟିର ଆଜି କରୋନା ଟେଷ୍ଟ କରାଯାଇ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି । ପିଲାଟିକୁ ପ୍ରକୃତ କାଉନ୍ସେଲିଂର ଆବଶ୍ୟକତା ଥିବାବେଳେ ଏବେ ଅସ୍ଥାୟୀ ଭାବେ ଯାଜପୁର ବାଳାଶ୍ରମରେ ଥଇଥାନ କରାଯାଇଛି । ହୁଏତ କୌଣସି ଦଲାଲ ଜରିଆରେ ପିଲାଟି କୌଣସି ହୋଟେଲ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ତାକୁ ଅଣାଯାଇଥିବା ଅନୁମାନ କରାଯାଉଛି ।